## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣା ଯୁବକ ମୃତ

ଡାବୁଗାଁ, ୨୯।୧୧ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ମାଝିଗୁଡା ଛକ ନିକଟରେ ରବିବାର ସକାଳେ ଏକ ବାଇକ୍ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଝରିଗାଁ ବ୍ଲକ ଆମ୍ଳିଯୋଡି ଗ୍ରାମର ସବନ ଭତ୍ରା (୧୮)। ପ୍ରକାଶ ଯେ, ସବନ କାମତା ଗ୍ରାମରୁ ବାଇକ୍ (ଓଡି-୨୪ସି-୪୧୬୬) ଯୋଗେ ନିଜ ଘରକୁ ଯିବା ବାଟରେ ମାଝିଗୁଡା ଗ୍ରାମ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ପ୍ରାୟ ୧ଘଣ୍ଟା ଅପେକ୍ଷା କରିଥିଲେ ମଧ ଆମ୍ବୁଲାନ୍ସ ଆସି ନ ଥିଲା। ପରେ ଗ୍ରାମବାସୀ ଆଉ ଏକ ବାଇକ୍‌ରେ ତାଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ଯୋଗୁ ସବନଙ୍କ ମୃତ୍ୟୁ ହୋଇଥିବା ମୃତ୍ୟୁ ହୋଇଥିବା ଗ୍ରାମବାସୀ କହିଛନ୍ତି। ମୃତକଙ୍କ ବାପା ତୁଳାରାମ ଭତ୍ରା ଏ ନେଇ ଡାବୁଗାଁ ଥାନାରେ ଏତଲା ଦେଇଛନ୍ତି। ତାଙ୍କ ଏତଲାକୁ ଭିତ୍ତି କରି ଥାନା ଏଏସ୍‌ଆଇ ସଲମନ ଭୂୟାଁ ମୃତଦେହ ଜବତ କରି ଜବତ ବ୍ୟବଚ୍ଛେଦ କରାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ୧୮୫/୨୦ ରେ ଏକ ମାମଲା ରୁଜୁ କରାଯାଇଛି।

### ଟ୍ରାଫିକ ସମସ୍ୟା: ମୁଖ୍ୟ ରାସ୍ତାରେ ଲାଗିବ ସାଇନବୋର୍ଡ

ଜୟପୁର, ୨୯।୧୧ (ନି.ପ୍ର.)-

ଜୟପୁରରେ ଦିନିକୁ ଦିନ ଟ୍ରାଫିକ ସମସ୍ୟା ଜଟିଳ ହେବାରେ ଲାଗିଛି। ଏନେଇ ପ୍ରଥମେ ସେଣ୍ଟାଲ ପାର୍କରେ ବ୍ୟବସ୍ଥା କରାଯାଇଥିବା ବେଳେ ଏହା ବିଫଳ ହେବାରୁ ତାହାକୁ ଉଚ୍ଛେଦ କରାଯାଇଥିଲା । ପରବର୍ତ୍ତୀ ସମୟରେ ସହରର ମୁଖ୍ୟ ରାସ୍ତାରେ ୪ଚକିଆ ଯାନ ରଖିବାକୁ ବାରଣ କରାଯାଇଛି । ଟାଉନହଲ ନିକଟରେ ୪ଚକିଆ ଯାନ ରଖିବାକୁ ପାର୍କିଂ ଜୋନ କରାଯାଇଛି । ଏଠାରୁ ୪ଚକିଆ ଯାନରେ ଆସିଥିବା ଯାତ୍ରୀଙ୍କ ପାଇଁ ଅଟୋ ବ୍ୟବସ୍ଥା କରାଯାଇ ସେମାନେ ସେଥିରେ ମାଗଣାରେ ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ଆସିବାକୁ ବ୍ୟବସ୍ଥା କରାଯାଇଥିଲା। ମାତ୍ର ୪ ଚକିଆ ଗାଡି ମାଲିକମାନେ ଟାଉନ ହଲ ନିକଟ ରେ ସେମାନଙ୍କ ଗାଡି ନ ରଖି ମୁଖ୍ୟ ମୁଖ୍ୟ ରାସ୍ତାରେ ହିଁ ରଖୁଛନ୍ତି । ଏଥିରେ ରୋକ ଲଗାଇବା ପାଇଁ ଜରିମାନା ଆଦାୟ କରାଗଲା । ଏହାକୁ ମଧ ୪ ଚକିଆ ଗାଡିମାଲିକମାନେ ଦେଲେ। ତଥାପି ପରିସ୍ଥିତିରେ ସୁଧାର ଆସିନି। ଟ୍ରାଫିକ ସମସ୍ୟା ଦେଖାଯାଉଛି । ଏନେଇ ରବିବାର ଉପ ଜିଲାପାଳ ହେମକାନ୍ତ ସାୟ ମୁଖ୍ୟ ରାସ୍ତାରେ ସାଇନ ବୋର୍ଡ ଲଗାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ଦ୍ୱାରା ଟ୍ରାଫିକ ସମସ୍ୟା ରେ ସୁଧାର ଆସିବ ବୋଲି ଆଶା କରାଯାଉଛି।

# ଜିଲା ପ୍ରଶାସନ ବିରୋଧରେ ଅଭିଯୋଗ ଆଣିଲା କଂଗ୍ରେସ

ମାଲକାନଗିରି,୨୯।୧୧(ଡି.ଏନ.ଏ.)


ପୂର୍ବତନ ଏମ୍‌ପି ପ୍ରଦୀପ ମାଝି ସୂଚନା ଦେଉଛନ୍ତି।

**ଦୁର୍ନୀତିରେ ବୁଡ଼ି ରହିଛି ଅଧିକାଂଶ ବିଭାଗ**
- ୩ ମହାବାତ୍ୟାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ମିଳିନି
- ବର୍ଷେ ହେଲା ଖୋଲାଯାଇନି ସାଇକେଲ ବିତରଣ ଟେଣ୍ଡର
- ପାଇଖାନା ନିର୍ମାଣ ଆଳରେ ହଡପ କରାଯାଇଛି ଟଙ୍କା

ମାଲକାନଗିରି ଜିଲା କଂଗ୍ରେସ ପକ୍ଷରୁ ସଦର ମହକୁମାସ୍ଥିତ ଦଳୀୟ କାର୍ଯ୍ୟାଳୟରେ ରବିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପୂର୍ବତନ ଏମ୍‌ପି ତଥା ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ପ୍ରଦୀପ ମାଝି ଜିଲା ପ୍ରଶାସନ ଉପରେ ବର୍ଷିଛନ୍ତି। ଜିଲା ପ୍ରଶାସନର ଅଧିକାଂଶ ବିଭାଗ ଦୁର୍ନୀତିରେ ବୁଡି ରହିଛି ବୋଲି ସେ ଅଭିଯୋଗ କରିଛନ୍ତି। ଦୀର୍ଘ ୧୨ ବର୍ଷ ହେଲା ଏସିଏସ୍‌ଓ ମନୋଜ ପ୍ରଧାନଙ୍କ ବିରୋଧରେ ୩ଟି ଭିଜିଲାନ୍ସ କେସ୍ ଥିବା ବେଳେ ଗତବର୍ଷ ମଣ୍ଡିରେ ଏକ ଧାନ ଜବତକୁ ନେଇ ଲାଞ୍ଚ କାରବାରରେ ସେ ସମ୍ପୃକ୍ତ ଥିଲେ। ଏହାର ଭିଡିଓ ଭାଇରାଲ ମଧ ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ ତାଙ୍କ ବିରୋଧରେ ବିଭାଗ କିମ୍ବା ଜିଲାପାଳ କୌଣସି ପଦକ୍ଷେପ ନେଇନାହାନ୍ତି। ସେହିପରି ଜିଲାରେ ୨୦ ହଜାର ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ର ଜାତିଗତ ପ୍ରମାଣ ପତ୍ର ନ ପାଇବାରୁ ଶିକ୍ଷା ଗ୍ରହଣ ଓ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏ ଦିଗରେ ପ୍ରଶାସନ କୌଣସି ପଦକ୍ଷେପ ନେଇନାହିଁ। ସେହିପରି ପ୍ରତିବର୍ଷ ମଣ୍ଡିଗୁଡିକରେ ବ୍ୟାପକ ଦୁର୍ନୀତି ହେଉଥିଲେ ମଧ ଏଥିରେ ପୂର୍ବତନ ଜିଲାପାଳ ମନୀଷ ଅଗ୍ରୱାଲ, ଯୋଗାଣ ବିଭାଗ, ଲ୍ୟାମ୍ପ ପରିଚାଳକ, ନିୟନ୍ତ୍ରିତ ବଜାର କମିଟି ଏବଂ କେତେକ ବ୍ୟବସାୟୀ ଚାଷୀଙ୍କୁ ଶୋଷଣ କରୁଛନ୍ତି। ରାଜ୍ୟରେ ଘଟିଯାଇଥିବା ୩ଟି ମହାବାତ୍ୟାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଏଯାଏ କ୍ଷତିପୂରଣ ଏବଂ ବୀମା ବାବଦ ପ୍ରାପ୍ୟ ପ୍ରଦାନ କରାଯାଇନାହିଁ। ପୂର୍ବତନ ଜିଲାପାଳଙ୍କ ବ୍ୟକ୍ତିଗତ ସହାୟକ ଦେବନାରାୟଣ ପଣ୍ଡା ହତ୍ୟା ମାମଲାରେ ତାଙ୍କ ପରିବାରକୁ ନ୍ୟାୟ ମିଳିନାହିଁ। ଯୋଗାଣ ଇନ୍ସପେକ୍ଟର କୁମାରୀ ସାଗରିକା ମୁଦୁଲି ମାଲକାନଗିରି ଥାନାରେ ଆନନ୍ଦ ମାଲାକାର, ପଦିଆ କବାସୀ, ଇନ୍ଦ୍ର ପଣ୍ଡା ଓ କେତେକ ଦଲାଲଙ୍କ ନାମରେ ମଣ୍ଡି ସମ୍ପର୍କିତ ଅଭିଯୋଗ କରିଥିଲେ। ଏନେଇ କେସ୍ ନଂ ୪୯/୨୦ରେ ମାମଲା ରୁଜୁ ହୋଇଛି। କିନ୍ତୁ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ସ୍ୱାଭିମାନ ଅଞ୍ଚଳରେ ୧୦ହଜାର ୯୯୮ଟି ପାଇଖାନା ନିର୍ମାଣ କରାଯାଇଥିବା କୁହାଯାଉଛି। ଏ ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଯାଉଛି। ପ୍ରକୃତପକ୍ଷରେ ସ୍ୱାଭିମାନ ଅଞ୍ଚଳରେ ଏହି ପାଇଖାନା ଗୁଡିକ ହୋଇନାହିଁ। ଏହାର ତଦନ୍ତ ପାଇଁ କଂଗ୍ରେସର ଏକ ଟିମ୍ ସୋମବାର ବିଚ୍ଛିନ୍ନାଞ୍ଚଳ ଗସ୍ତ କରିବ। ଏଥିରେ ସତ୍ୟତା ଥିଲେ ଏହାର ସି.ବି.ଆଇ. ତଦନ୍ତ ଲାଗି କଂଗ୍ରେସ ଦାବି କରିବ ବୋଲି ମାଝି କହିଛନ୍ତି। ସେହିପରି ଜିଲାର ଶ୍ରମିକମାନଙ୍କ ପାଇଁ ୧୦ ହଜାର ସାଇକେଲ ବିତରଣ କରାଯିବାକୁ ନିଷ୍ପତ୍ତି ନେଇ ପ୍ରଶାସନ ୨୦୧୯ରେ ଟେଣ୍ଡର ଆହ୍ୱାନ କରିଥିଲା। ତିନିଜଣ ବ୍ୟକ୍ତି ଏହି ଟେଣ୍ଡର ପକାଇଥିଲେ ମଧ ଏଯାଏ ଏହି ଟେଣ୍ଡର ଖୋଲାଯାଇନାହିଁ। ଫଳରେ ୧୦ ହଜାର ଶ୍ରମିକ ସାଇକେଲ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏସାର କମ୍ପାନୀ ଜିଲାର ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କ ପାଇଁ ସ୍ୱତନ୍ତ୍ର ବିଦ୍ୟାଳୟ ଓ ହଷ୍ଟେଲ ନିର୍ମାଣ ପାଇଁ ୧ କୋଟି ୩୦ ଲକ୍ଷ ଟଙ୍କା ପ୍ରଶାସନ ନିକଟରେ ପୈଠ କରିଥିଲେ ମଧ ସେ ଟଙ୍କା ଖର୍ଚ୍ଚ ହୋଇ ନ ଥିବା ସେ ଅଭିଯୋଗ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର, କାର୍ଯ୍ୟକାରିଣୀ ସଭାପତି ରାମ ପଟ୍ଟନାୟକ, କାଲିମେଳା ବ୍ଲକ ଅଧ୍ୟକ୍ଷ ମାଲା ମାଡିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଘାଟିରେ ଓଲଟିଲା ବିସ୍କୁଟ ବୋଝେଇ ଟ୍ରକ୍

ଚନ୍ଦାହାଣ୍ଡି, ୨୯।୧୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଘାଟି ରେ ରବିବାର ସନ୍ଧ୍ୟାରେ ଏକ ବିସ୍କୁଟ ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି। ଉକ୍ତ ଟ୍ରକଟି ପତଞ୍ଜଳି ବିସ୍କୁଟ ନେଇ ଚନ୍ଦାହାଣ୍ଡିର ଏକ ହୋଲ୍‌ସେଲ୍ ଦୋକାନରେ ଦେବାକୁ ଯାଉଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ଟ୍ରକ (ଏମ୍‌ଏଚ୍-୪୦ୱାଇ-୨୧୮୦) ଟି ଚନ୍ଦାହାଣ୍ଡି ଯାଉଥିବାବେଳେ ହଠାତ୍ ଘାଟିରେ ବ୍ରେକ୍ ଫେଲ ହେବାରୁ ଭାରସାମ୍ୟ ହରାଇ ତାହା ଓଲଟି ପଡିଥିଲା। ଟ୍ରକ୍ ଚାଳକ ଅଳ୍ପକେ ବର୍ତ୍ତୀ ଯାଇଥିବାବେଳେ ହେଲ୍‌ପର୍ ସାମାନ୍ୟ ଆହତ ହୋଇଛନ୍ତି। ଖବରପାଇ ଚନ୍ଦାହାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରୁଛନ୍ତି। ପ୍ରକାଶ ଯେ ଉମରକୋଟ ଠାରୁ ମାଲଗାଁ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ତିଆରି କାମ ଚାଲିଛି। କିନ୍ତୁ ଘାଟି ରେ ବାରମ୍ବାର ଦୁର୍ଘଟଣା ଘଟୁଥିବା ବେଳେ ରାସ୍ତା କୁ ଅଧିକ ଓସାର ସହ ଅଧିକ ମୋଡ଼ କରାଯାଇ ନ ଥିବାରୁ ଚାଳକଙ୍କୁ ଓଜନିଆ ବାହନ ଚଳାଇବାରେ ଅସୁବିଧାରେ ସମ୍ମୁଖୀନ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି।

# ମନେପଡ଼ିଲେ ଠକ୍କର ବାପା


ଠକ୍କର ବାପା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଉଛି ।

ରାୟଗଡ଼ା ଅଫିସ,୨୯।୧୧–

ଆଦିବାସୀଙ୍କ ଉନ୍ନତି ପାଇଁ ଲଢ଼ିଥିବା ସାମାଜିକ କର୍ମୀ ଅମ୍ରିତ୍‌ଲାଲ୍ ଭି. ଠକ୍କରଙ୍କ(ଠକ୍କର ବାପା)ଙ୍କ ଜୟନ୍ତି ରବିବାର ପାଳିତ ହୋଇଯାଇଛି। ରାୟଗଡ଼ା ସହରସ୍ଥିତ ଆଶ୍ରମ ପରିସରରେ ନିଖିଳ ଉତ୍କଳ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘର ଉପ ସଭାପତି ପ୍ରଦୀପ କୁମାର ଚୌଧୁରୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଠକ୍କର ବାପା ଆଶ୍ରମର ପରିଚାଳକ ବିଚିତ୍ରାନନ୍ଦ ସାହୁ, ସ୍କୁଲ ପ୍ରଧାନ ଶିକ୍ଷକ ପର୍ଶୁରାମ ବିଶ୍ୱାଳ, ଶିକ୍ଷକ ସଂଘର ଏସ୍‌ଏସ୍‌ଡି ସଭାପତି ରାମ ମୋହନ ପଟ୍ଟନାୟକ, ଏସ୍‌ଏସ୍‌ଡି ଶିକ୍ଷକ ସଂଘର ସଭାପତି ବାମନମୂର୍ତ୍ତି, ସାଙ୍ଗଠନିକ ସମ୍ପାଦକ ଟି. ବୋଦନା ସାମଲ, ସନାତନ ବେହେରା, ବସନ୍ତ କୁମାର ବାଗ, ସରୋଜ ନାଗ, ସରୋଜ ବେଉରିଆ, କୃଷ୍ଣ ଚନ୍ଦ୍ର ତ୍ରିପାଠୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୫୦ଶିକ୍ଷକ ଯୋଗ ଦେଇଥିଲେ। ଡାଙ୍ଗସୋରଡ଼ା ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟଲାଲ ନାୟକ ଧନ୍ୟବାଦ ଦେଇଥିଲେ।

# ୫.୨୫ କ୍ୱିଣ୍ଟାଲ ଗଞ୍ଜେଇ ଜବତ: ଜଣେ ଗିରଫ

କୋରାପୁଟ,୨୯।୧୧(ସ୍ୱ.ପ୍ର.)


ଜବତ ଗଞ୍ଜେଇ।

ସେମିଳିଗୁଡା ଅଞ୍ଚଳରୁ ଉତ୍ତର ପ୍ରଦେଶ ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ କୋରାପୁଟ ଟାଉନ ପୋଲିସ ଏହାକୁ ଜବତ କରିଛି। ଏହାର ପରିମାଣ ୫୨୫ କେଜି ୯୦ ଗ୍ରାମ ବୋଲି ଜଣାପଡିଛି। ଏଥିରେ ସମ୍ପୃକ୍ତ ଜଣେ ଯୁବକଙ୍କୁ ଗିରଫ କରାଯାଇଥିବା ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏସଡିପିଓ ଗୁଣନିଧି ମଲ୍ଲିକ କହିଛନ୍ତି। ତାଙ୍କ ନାମ ଅଙ୍କିତ କୁମାର। ଉତ୍ତର ପ୍ରଦେଶର ଉନାଓ ଜିଲାର ଶିବାପୁର ଗ୍ରାମରେ ତାଙ୍କ ଘର। ଗିରଫ ଏନେଇ ଟାଉନ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନେତୃତ୍ୱରେ ଗଠିତ ଏକ ଟିମ ଗଠନ କରାଯାଇଥିଲା। ପୂର୍ବରୁ ସୂଚନା ପାଇ ଶନିବାର କୋରାପୁଟ-ସୁନାବେଡା ୨୬ ନଂ ଜାତୀୟ ରାଜପଥର ଲାଣ୍ଡିଗୁଡା ନିକଟରେ ପୋଲିସ ଗାଡମୋଟର ଯାଞ୍ଚ କରୁଥିବା ବେଳେ ଏକ ଟାଟା ମିନିଟ୍ରକ (ୟୁପି ୭୭ ଏଏନ- ୩୮୬୪) ପୋଲିସ ଅଟକାଇ ଯାଞ୍ଚ କରିବାକୁ ଗଞ୍ଜେଇ ଚୋରା ଚାଲାଣ ଧରାପଡିଥିଲା। ମାଜିଷ୍ଟ୍ରେଟ ଭାବେ ତହସିଲଦାର ରଞ୍ଜନ କୁମାର ମାନସେଠଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ଓଜନ କରାଯାଇଥିଲା । ଜବତ ଗଞ୍ଜେଇର ମୂଲ୍ୟ ୧୫ ଲକ୍ଷ ୭୫ ହଜାର ୮୭୦ ଟଙ୍କା ହେବ ବୋଲି ଏସଡିପିଓ ମଲିକ କହିଛନ୍ତି। କେସ୍ ନଂ. ୩୪୧/୨୦୨୦ରେ ଏକ ମାମଲା ରୁଜୁ ହୋଇଛି। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଥାନା ଅଧିକାରୀ ଶଙ୍କର ପ୍ରସାଦ ମାଝି , ଏସଆଇ ଯଶୋବନ୍ତ ସେଲମା, ସୁଦର୍ଶନ ଅଧିକାରୀ ଉପସ୍ଥିତ ଥିଲେ ।

### ୬୯ ସଫେଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଜୟପୁର, ୨୯।୧୧ (ନି.ପ୍ର.)–

ଜୟପୁର ପୌର ପରିଷଦରେ କାର୍ଯ୍ୟ କରୁଥିବା ୬୯ ଜଣ ସଫେଇ କର୍ମଚାରୀଙ୍କ କୁମ୍ଭାରସାହିସ୍ଥିତ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ରେ ରବିବାର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଜିଲା ଚିକିତ୍ସାଧିକାରୀଙ୍କ ସହଯୋଗରେ ଅନୁଷ୍ଠିତ ସ୍ୱାସ୍ଥ୍ୟସେବା ଶିବିରରେ ଉପ ଜିଲାପାଳ ତଥା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ହେମକାନ୍ତ ସାୟ ଓ ସ୍ୱାସ୍ଥ୍ୟ ଅଧିକାରୀ ଅରୁଣ ପାଢୀଙ୍କ ତତ୍ତ୍ୱାବଧାନରେ କର୍ମଚାରୀମାନେ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଡାକ୍ତର ଅମରିତା ତ୍ରିପାଠୀ, ଡାକ୍ତର ବିଭୂତି ଭୂଷଣ ରଥ, ଡାକ୍ତର ଦିପ୍ତିମୟୀ ଲେଙ୍କା, ଡାକ୍ତର ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ଡାକ୍ତର ତଥାଗତ ରଥ, ସୁପଭାଇଜର ହରିହର ପତି, ଫର୍ମାସିଷ୍ଟ ନୃସିଂହ ପ୍ରସାଦ ଅଧିକାରୀ, ସ୍ୱାସ୍ଥ୍ୟକର୍ମୀ ନିରୁପମା ପାଢୀ, ଅଭିନିପସା ମିଶ୍ର ଉପସ୍ଥିତ ଥିଲେ।

# ୟୁଏଆଇଏଲ୍ ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳିତ



ସ୍ୱଚ୍ଛତା ପକ୍ଷ ପାଳନ ପାଇଁ କମ୍ପାନୀ କର୍ମଚାରୀ ଏକାଠି ହୋଇଛନ୍ତି ।

ଟିକିରି,୨୯।୧୧(ଡି.ଏନ୍.ଏ.)

ଆଦିତ୍ୟ ବିର୍ଲା ଗ୍ରୁପ୍ କମ୍ପାନୀ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ (ୟୁଏଆଇଏଲ)ପକ୍ଷରୁ ରାୟଗଡ଼ା ଜିଲା ବାପହିଲମାଲି ଖଣି ଅଞ୍ଚଳରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଛି। ଭାରତୀୟ ଖଣି ବ୍ୟୁରୋ ପକ୍ଷରୁ ନଭେମ୍ବର ୧୬ରୁ ୩୦ ପର୍ଯ୍ୟନ୍ତ ଏହି ପକ୍ଷ ପାଳନ କରାଯାଉଛି। ଏହି ଅବସରରେ ସ୍ୱଚ୍ଛତା ଦିଗରେ ପ୍ରତ୍ୟେକ ବ୍ୟକ୍ତିଙ୍କ ଯୋଗଦାନ ନିମନ୍ତେ ସଚେତନତା କରାଯାଇଥିଲା। ସେହିପରି କରୋନା କବଳରୁ ସୁରକ୍ଷିତ ରହିବା ପାଇଁ ସ୍ୱଚ୍ଛତା ଅବଲମ୍ବନ କରିବା ନିମନ୍ତେ ଲୋକଙ୍କୁ ବୁଝାଇଥିଲା। କମ୍ପାନୀ ପକ୍ଷରୁ ଆୟୋଜିତ 'ୱାକ୍ ଏଣ୍ଡ ସ୍ୱିପ୍' ଅଭିଯାନରେ ସମସ୍ତ କର୍ମଚାରୀ ଓ ଶ୍ରମିକମାନେ ସାମିଲ ହୋଇ ସଫେଇ ବିଭିନ୍ନ ସ୍ଥାନକୁ ସଫା କରିଥିଲେ। ବାପହିଲମାଲି ଟିମ୍ ପକ୍ଷରୁ ଏହି ଅଭିଯାନ ଅନୁଷ୍ଠିତ ହୋଇଥିଲା। ଖଣି ମୁଖ୍ୟ ମୁକେଶ ଝା ଓ ମୁଖ୍ୟ ଜିଓଲୋଜି କ୍ରିଷ୍ଣ ଜ୍ୟୋତିଷି ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ ଖଣି ମୁଖ୍ୟ, ଜିଓଲୋଜି ମୁଖ୍ୟ ଏବଂ ସ୍ଥାନୀୟ ଶ୍ରମିକ ସ୍ୱଚ୍ଛତା ବିଷୟରେ ଅଭିଭାଷଣ ରଖିଥିଲେ। ଏଠାରେ ବାଲହିଲମାଲି ଖଣି ଅଞ୍ଚଳରେ ସ୍ୱଚ୍ଛତା ବଜାୟ ରଖିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିବା କର୍ମଚାରୀ ଏବଂ ଶ୍ରମିକମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରଦ୍ୟୁମ୍ନ ଦାସ ଏବଂ ବାପହିଲମାଲି ଖଣିର ଅନ୍ୟ ସଦସ୍ୟମାନେ ପରିଚାଳନା କରିଥିଲେ।

# ଭୋଟର ପରିଚୟ ପତ୍ର ସଂଶୋଧନ କାର୍ଯ୍ୟକ୍ରମ

ଚିତ୍ରକୋଣ୍ଡା,୨୯।୧୧(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକରେ ବିଡ଼ିଓ ଲରିମନ ଖରସେଲଙ୍କ ତତ୍ତ୍ୱାବଧାନରେ ଭୋଟର ପରିଚୟପତ୍ରର ବିଭିନ୍ନ ଭୁଲ ସଂଶୋଧନ, ନୂଆ ତାଲିକାରେ ନାମ ଉଲ୍ଲେଖ ପାଇଁ ଆବେଦନ ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ଏନେଇ ପୂର୍ବ ନିଷ୍ପତ୍ତି ଅନୁସାରେ ଶନିବାର ଓ ରବିବାର ସଚେତନ କାର୍ଯ୍ୟକ୍ରମ ହୋଇଥିଲା। ବିଏଲଓ ତ୍ରିନାଥ ଗଉଡ଼, ହସଦରାମ ପାଣ୍ଡେ, ନିରୋଦ ଜେନା,ସହକାରୀ ଶିକ୍ଷକ ଶରତ ସାହୁ ବିଭିନ୍ନ ବୁଥରେ ୧୮ ବର୍ଷ ହୋଇଥିବା ଯୁବତୀଯୁବକଙ୍କ ନାମ ପଞ୍ଜୀକରଣ, ନାମ ଭୁଲ ଥିଲେ ସଂଶୋଧନ, ଭୋଟର ତାଲିକାରେ ନାମ ଥାଇ କାର୍ଡ ପାଇ ନ ଥିବା ବ୍ୟକ୍ତିଙ୍କ ରେକର୍ଡ, ନାମ ପଞ୍ଜୀକରଣ ହୋଇ ନ ଥିଲେ ପଞ୍ଜୀକରଣ, ତାଲିକାରୁ ନାମ କାଟିବା ଓ ଯୋଡିବା ପାଇଁ ବିଭିନ ଫର୍ମ ମାନ ନେଉଥିବା ଦେଖିବାକୁ ମିଳିଥିଲା। ଫର୍ମ ଅନୁଯାୟୀ ପଞ୍ଜୀକରଣ ପାଇଁ ଆବେଦନ ଗ୍ରହଣ କରାଯାଇଥିଲା। ସୁପରଭାଇଜର କୃଷ୍ଣଚନ୍ଦ୍ର ଡାକୁଆ ବିଭିନ୍ନ ବୁଥ୍ ବୁଲି ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ। ପିଇଓ ହେମନ୍ତ କୁମାର ଭୂୟାଁ ପରିଚାଳନା କରିଥିଲେ।

# ପଦୋନ୍ନତିରେ ଅନିୟମିତତା ଅଭିଯୋଗ

ମାଲକାନଗିରି,୨୯।୧୧(ଡି.ଏନ.ଏ.)


ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଜିଲାପାଳଙ୍କୁ ଭେଟିଲା ଅନୁସୂଚିତ ଜାତି, ଜନଜାତି ଶିକ୍ଷକ ସଂଘ**

ଅନୁସୂଚିତ ଜାତି ଓ ଜନଜାତି ଶିକ୍ଷକ ସଂଘ କର୍ମକର୍ତ୍ତା ପଦୋନ୍ନତିରେ ଗୁରୁତର ତ୍ରୁଟି ଥିବା ଅଭିଯୋଗ କରି ରବିବାର ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ପଦୋନ୍ନତି ତାଲିକା ପ୍ରକାଶ ପରେ ଏହାପୂର୍ବରୁ ଏହି ତାଲିକାକୁ ବାରମ୍ବାର ବଦଳା ଯାଇ ଅନୁସୂଚିତ ଜାତି ଓ ଜନଜାତି ସଂରକ୍ଷଣ ବ୍ୟବସ୍ଥାରେ ବ୍ୟାପକ ଅନିୟମିତତା ହୋଇଥିବା ସଂଘ ଦାବିପତ୍ରରେ ଉଲ୍ଲେଖ କରିଛି। ବିଶେଷ କରି ଅନୁସୂଚିତ ଜାତି ଓ ଜନଜାତି ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପଦୋନ୍ନତି ଦେବା ବେଳେ ନିୟମ ଅନୁଯାୟୀ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତାକୁ ପଦୋନ୍ନତି କମିଟି ଗୁରୁତ୍ୱ ଦେଇନାହିଁ। ଫଳରେ ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଚାକିରି କରିଥିବା ପ୍ରାୟ ୨୪୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ପଦୋନ୍ନତି ପାଇ ନ ଥିବା ବେଳେ କନିଷ୍ଠ ଶିକ୍ଷକ ଯେଉଁମାନେ ୧୦ ବର୍ଷରୁ କମ୍ ସମୟ ଚାକିରି କରିଛନ୍ତି, ସେମାନେ ପଦୋନ୍ନତି ପାଇଛନ୍ତି। ବରିଷ୍ଠ ଶିକ୍ଷକମାନଙ୍କ ପାଇଁ ଏହା ଏକ ଅପମାନଜନକ ଘଟଣା ବୋଲି ସଂଘ ଅଭିଯୋଗ କରିଛି। ଶିକ୍ଷା ବିଭାଗର ନିୟମକୁ କାହା ସ୍ୱାର୍ଥ ପାଇଁ ବାରମ୍ବାର ବଦଳାଯାଇଛି ବୋଲି ସଂଘ ପ୍ରଶ୍ନ ଉଠାଇଛି। ଏ ସମ୍ପର୍କରେ ଅନ୍ତଃରାଷ୍ଟ୍ରୀୟ ମାନବାଧିକାର କମିଟିର ଜିଲା ସଭାପତି ନିରଞ୍ଜନ ମଲ୍ଲ ଜିଲାପାଳ ଓ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସଭାପତି ପ୍ରଦୀପ କୁମାର ତାପାଲି, ଉପସଭାପତି ବିଶ୍ୱନାଥ ଶବର, ସାଧାରଣ ସମ୍ପାଦକ ଇର୍ମା ପଡିଆମି, ଯୁଗ୍ମ ସମ୍ପାଦକ ବିଜୟ କୁମାର ମିସ୍ତ୍ରି, କୋଷାଧ୍ୟକ୍ଷ ଉତ୍ତମ ସମାଦାର ପ୍ରମୁଖ ଉପସ୍ଥିତ ଥିଲେ।

### ଭାଜପାର କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ଶିବିର

ଜୟପୁର, ୨୯।୧୧ (ନି.ପ୍ର.)

ଭାଜପା ଜୟପୁର ନଗର ମଣ୍ଡଳରେ ଦୁଇଦିନ ଧରି ଚାଲିଥିବା କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ଶିବିର ରବିବାର ଶେଷ ହୋଇଛି। ଦଳର ନୀତି, ଆଦର୍ଶ, କାର୍ଯ୍ୟଶୈଳୀ, ଇତିହାସ ସମ୍ପର୍କରେ କାର୍ଯ୍ୟକର୍ତ୍ତାଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରଥମ ଦିନରେ ଭାଜପା ରାଜ୍ୟ ଉପସଭାପତି ତଥା କୋରାପୁଟ ଜିଲା ପ୍ରଭାରୀ ବଳଭଦ୍ର ମାଝି ଏହାକୁ ଉଦ୍‌ଘାଟନ କରିଥିଲେ। ନଗର ସଭାପତି ସାଧୁଦାସ ଦାସ ଚୌଧୁରୀ ସଭାପତିତ୍ୱ କରିଥିଲେ। ସଞ୍ଜୟ ବେହେରା ପରିଚାଳନା କରିଥିଲେ। ନଗର ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ଦାସ ଏବଂ ଧନ୍ୟବାଦ ଦେଇଥିଲେ। ବରିଷ୍ଠ କାର୍ଯ୍ୟକର୍ତ୍ତା ବୈଦ୍ୟନାଥ ମିଶ୍ର, ରାଜ୍ୟ ସ୍ଥାୟୀ ସଦସ୍ୟ ଗୌତମ ସାମନ୍ତରାୟ, ସାଧୁଦାସ ଚୌଧୁରୀ, ବିପଦ ଭଞ୍ଜନ ଦାସ, ସଞ୍ଜୟ ବେହେରା, ବିନାୟକ ଆଚାର୍ଯ୍ୟ, ମହିଳା ମୋର୍ଚ୍ଚାରୁ ସୀମା କରନ, ସୁରଭି ପାଣି, ଅଞ୍ଜଳି ମିଶ୍ର ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ଉଦଯାପନୀ ଦିବସରେ ଗୌତମ ସାମନ୍ତରାୟ, ବୈଦ୍ୟନାଥ ମିଶ୍ର ଓ ସଞ୍ଜୟ ବେହେରା ଉପସ୍ଥିତ ଥିଲେ।

# ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ଅଳସୀ ଫୁଲ

ଜୟପୁର, ୨୯।୧୧ (ନି.ପ୍ର.)

କୋରାପୁଟ ଜିଲା ପ୍ରକୃତିର ଗନ୍ତାଘର । ଜିଲାରେ ବହୁ ପର୍ଯ୍ୟଟନ କ୍ଷେତ୍ର ରହିଛି। ଶୀତ ଋତୁ ହେଉଛି ପର୍ଯ୍ୟଟନର ଋତୁ। ଏବେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି କୋରାପୁଟ ଜିଲାର ଅଳସୀ ଫୁଲ। ସକାଳର କୁହୁଡି ସାଙ୍ଗକୁ ସବୁଜିମାରେ ଭରା ପାହାଡ ଆଉ ଅଳସୀ ଫୁଲରେ ସୂର୍ଯ୍ୟଙ୍କ ପହିଲି କିରଣ ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷଣ କରୁଛି। ଜିଲାର ବୋରିଗୁମ୍ମା, ବୈପାରିଗୁଡା, ଲମତାପୁଟ, ନନ୍ଦପୁର, ଜୟପୁର, କୋରାପୁଟର ପାହାଡରେ ଅଧିକ ପରିମାଣରେ ଆଳସି ଫୁଲ ଚାଷ ହୋଇଥାଏ । ଏହି ଫୁଲରୁ ତେଲ ବାହାରିଥାଏ । ଅଳସୀ ଫୁଲର ସୌନ୍ଦର୍ଯ୍ୟରେ ବିଭୋର ହେବା ପାଇଁ ଜିଲାରେ ଏବେ ବଢିବାରେ ଲାଗିଛି ପର୍ଯ୍ୟଟକଙ୍କ ଭିଡ । କିଏ ପ୍ରକୃତିର ସୌନ୍ଦର୍ଯ୍ୟର ମଜା ନେଉଛି ତ କିଏ ଅଳସୀ ଫୁଲର ମଜା ନେଉଛି । କୋରାପୁଟର ପ୍ରାକୃତିକ ସୌନ୍ଦର୍ଯ୍ୟ ବର୍ଷ ତମାମ ଏଠାକୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ମାତ୍ର ଶୀତ ଦିନେ କୋରାପୁଟ ହୋଇଥାଏ ଆହୁରି ଅଧିକ ସୌନ୍ଦର୍ଯ୍ୟମୟ। ଫଳରେ ପର୍ଯ୍ୟଟକ ଅଧିକ ପରିମାଣରେ ହୋଇଥାନ୍ତି ଏଠାରେ ଭାବପ୍ରବଣରେ ବିଭୋର।


କ୍ଷେତରେ ଚାଷ କରାଯାଇଥିବା ଅଳସୀଫୁଲ।

**ବାଇକ୍ ଦୁର୍ଘଟଣାରେ ଜଣେ ମୃତ**

ଜୟପୁର, (ନି.ପ୍ର.): ଜୟପୁରରୁ ବାମୁଣିଗାଁ ଯାଉଥିବା ସମୟରେ ସ୍ଥାନୀୟ ଗ୍ଲୋବାଲ ହସପିଟାଲ ନିକଟରେ ଦୁଇଟି ବାଇକ ମଧ୍ୟରେ ଧକ୍କା ହୋଇ ଜଣକରଙ୍କ ମୃତ୍ୟୁ ହୋଇଛି। ଶନିବାର ରାତି ଦଶମନ୍ତପୁର ଥାନା ଅନ୍ତର୍ଗତ ରମେଶ ନାୟକ ଜୟପୁର ରୁ ବାମୁଣିଗାଁ ଯାଉଥିବା ସମୟରେ ପଛପଟୁ ଦୁଇଜଣ ଯୁବକ ଏକ ଗାଡିରେ ଆସି ଧକ୍କା ଦେଇଥିଲେ। ଫଳରେ ଘଟଣା ସ୍ଥଳରେ ରମେଶଙ୍କ ମୃତ୍ୟୁ ହୋଇଥିଲା।

## ସଂକ୍ଷେପରେ

### ତରୁଣ ପ୍ରଜ୍ଞା ଭାରତୀର ବାର୍ଷିକ ଉତ୍ସବ



ଜୟପୁର, ୨୯।୧୧ (ନି.ପ୍ର.)- ଜୟପୁରର ଏକ କଲ୍ୟାଣ ମଣ୍ଡପରେ ତରୁଣ ପ୍ରଜ୍ଞା ଭାରତୀର ଦ୍ୱାତ୍ରିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ଅଧକ୍ଷ ଗଙ୍ଗାଧର ନନ୍ଦ ଅଧକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ କମଳା ପୁଜାରୀ, ସମ୍ମାନିତ ଅତିଥି ଭାବେ ପ୍ରକାଶ ଚନ୍ଦ୍ର ନାୟକ, ମୁଖ୍ୟ ବକ୍ତା ଭାବେ ମୀନକେତନ ଦାସ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ମମତା ମହାପାତ୍ର ପରିଚାଳନା କରିଥିଲେ । ତପସ୍ୱନୀ ସାହୁ , ମନୋରଞ୍ଜନ ପଣ୍ଡା, ଅଶୋକ ପାଢ଼ୀ, ଅନନ୍ତ ବିଜୟ ଧୀବର ସହଯୋଗ କରିଥିଲେ । ସମ୍ପାଦର ଯଜ୍ଞେଶ୍ୱର ପଣ୍ଡା ବିବରଣୀ ପାଠ କରିଥିଲେ । ଚଳିତ ବର୍ଷ ପାଇଁ ପ୍ରମୋଦ କୁମାର ରାଉଳ, ଭି.କ୍ରିଷ୍ଣା ରାଓ, ପ୍ରସାଦ ରାଓ, ନୃସିଂହ ପ୍ରସାଦ ଷଡଙ୍ଗୀ, ଚନ୍ଦ୍ରକାନ୍ତ ବିଶ୍ୱାଳଙ୍କୁ ସମ୍ମାନିତ କରାଯାଥିଲା। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କୋଭିଡ-୧୯ କଟକଣା ଓ ସାନିଟାଇଜର ବ୍ୟବହାର କରି କାର୍ଯ୍ୟକ୍ରମ ହୋଇଥିଲା।

### ସେମିଳିଗୁଡାରେ ଚୋରି ବଢୁଛି

ସେମିଳିଗୁଡା,୨୯।୧୧(ସ୍ୱ.ପ୍ର) କୋରାପୁଟ ଜିଲା ସେମିଳିଗୁଡା ଅଞ୍ଚଳରେ ଚୋରଙ୍କ ପାଦୁର୍ଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି। ଗତ ସପ୍ତାହ ଭିତରେ ୨ଟି ସ୍ଥାନରୁ ଚୋରି ହୋଇଥିବା ବେଳେ ଏବେ ପୁଣି ଗୋଟିଏ ବାଇକ୍ ଚୋରି ହୋଇଛି। ଗାନ୍ଧିନଗର ବାସିନ୍ଦା ତପନ ତୁରୁକ ନିଜ ବାସଭବନ ଗେଟ ଭିତରେ ବାଇକ ରଖି ଘରେ ଶୋଇଥିବା ବେଳେ ଗେଟ ତାଲା ଦେଇ ନ ଥିଲେ। ଏହାର ସୁଯୋଗ ନେଇ କେହି ଦୁର୍ବୃତ ଶନିବାର ବିଳମ୍ବିତ ରାତିରେ ଗେଟ ଖୋଲି ବାଇକ (ଓଆର ୧୦ଏ- ୭୦୪୨)କୁ ଚୋରି କରି ନେଇଯାଇଥିଲେ। ତପନ ଏନେଇ ସେମିଳିଗୁଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ଏଏସଆଇ ରବୀନ୍ଦ୍ର କୁମାର ରଥଙ୍କ ନେତୃତ୍ୱରେ ଏକ ଟିମ ବାଇକ ଚୋରକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଯାଞ୍ଚ ଚଳାଇଛନ୍ତି। ପୋଲିସ ପାଟ୍ରୋଲିଂର ଅଭାବରୁ ଏଭଳି ଚୋରି ଘଟଣା ବାରମ୍ବାର ଘଟୁଥିବା ଅଭିଯୋଗ ହେଉଛି। କେସ ନଂ ୧୦୪/୨୦।

### ଯୁବ ବିଜେଡିର ପ୍ରଥମ କାର୍ଯ୍ୟକାରିଣୀ ବୈଠକ

ରାୟଗଡା ଅଫିସ,୨୯।୧୧- ରାୟଗଡ଼ା ଜିଲା ଯୁବ ବିଜେଡିର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ରବିବାର ସ୍ଥାନୀୟ କୈଳାଶ ହୋଟେଲ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଯୁବ ସଭାପତି ଦେବାଶିଷ ଖାଡ଼ଙ୍ଗାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁବ ବିଜେଡି କୋରାପୁଟ ଜୋନ୍‌ର ସଭାପତି ତାପସ ତ୍ରିପାଠୀ, ରାୟଗଡ଼ା ଜିଲା ପର୍ଯ୍ୟବେକ୍ଷକ ଦେବୀ ପ୍ରସାଦ ଦାସ, ରାଜ୍ୟ ବିଜେଡି ଉପସଭାପତି ଲାଲ ବିହାରୀ ହିମିରିକା, ଜିଲା ବିଜେଡି ସଭାପତି ତଥା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର ଦାଶ, ରାଜ୍ୟ ସମ୍ପାଦକ ଜଗଦୀଶ ପାତ୍ର, ବିଜୁ କୃଷକ ଜନତା ଦଳର ସମ୍ପାଦକ ତିରୁପତି ବନାଗାଡି, ରାଜ୍ୟ ମହିଳା ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦିକା ସୁଜାତା ପାଳ, ଜିଲା ସଭାନେତ୍ରୀ ଅନୁସୟା ମାଝି ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ଯୁବ ଜନତା ଦଳର ଆଗାମୀ ରଣନୀତି ବିଷୟରେ ଆଲୋଚନା କରାଯାଇଥିଲା। ସେହିପରି ନବ ମନୋନୀତ ଜିଲା ଯୁବ ପଦାଧିକାରୀଙ୍କ ସମେତ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦକ ବିନାୟକ ପଲାଇ ଏବଂ ଜିଲା ଛାତ୍ର ସଭାପତି ବିଷ୍ଣୁ ପ୍ରସାଦ ପଣ୍ଡାଙ୍କୁ ଯୁବ ଜନତା ଦଳ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଗ୍ୟାସ୍ ସିଲିଣ୍ଡର ଫାଟି ୨ଗୁରୁତର

ପାରଳାଖେମୁଣ୍ଡି,୨୯।୧୧ (ଡି.ଏନ୍.ଏ.)- ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ରବିବାର ଏକ ଗ୍ୟାସ ସିଲିଣ୍ଡର ଲିକ୍ ହୋଇ ଫାଟିଯିବାରୁ ୨ଜଣ ଗୁରୁତର ହୋଇଥିବାବେଳେ ୨ଟି ଘର ପୋଡିଯାଇଛି। ଆହତମାନଙ୍କୁ ପାରଳାଖେମୁଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ମାସେ ଭିତରେ ଘୋଷଣା ନ କଲେ ଆନ୍ଦୋଳନ

**■ ଟାର୍ଗେଟ୍ ଦେଲେ ବିଧାୟକ**



**ବିକ୍ରମଦେବ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରସଙ୍ଗ**

ଜୟପୁର,୨୯।୧୧(ନି.ପ୍ର.)

ଦକ୍ଷିଣ ଓଡିଶାର ପ୍ରମୁଖ ମହାବିଦ୍ୟାଳୟ ହେଉଛି ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟ । ସ୍ୱାଧୀନତା ପୂର୍ବରୁ ଏହି ମହାବିଦ୍ୟାଳୟ ସ୍ଥାପନ କରାଯାଇଛି। ବିଜେଡି ସରକାର ଜାଣି ଶୁଣି ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନରେ ଅବହେଳା କରୁଛନ୍ତି । ମାସେ ଭିତରେ ରାଜ୍ୟ ସରକାର ବିକ୍ରମଦେବ କଲେଜକୁ ବିଶ୍ୱବିଦ୍ୟାଳୟ ଘୋଷଣା ନ କଲେ ଅବିଭକ୍ତ କୋରାପୁଟ ଜିଲାକୁ ବନ୍ଦ କରିବୁ ବୋଲି ରବିବାର ରାଜ୍ୟ ସରକାରଙ୍କୁ ବିଧାୟକ ତାରାପ୍ରସାଦ ବାହିନୀପତି ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ ବିକ୍ରମଦେବ କଲେଜ ପରେ ଯେଉଁ କଲେଜସବୁ କଳାହାଣ୍ଡି ଓ ବଲାଙ୍ଗୀରରେ ହୋଇଥିଲା ସେହି କଲେଜଗୁଡିକ ବିଶ୍ୱବିଦ୍ୟାଳୟ ହୋଇସାରିଛି । ମାତ୍ର ଜୟପୁର ବିକ୍ରମ ଦେବ କଲେଜକୁ ବିଶ୍ୱବିଦ୍ୟାଳୟ କରାଯାଉନାହିଁ। ମାଲକାନଗିରି ଜିଲା ମୋଟୁର ଛାତ୍ରୀ ଛାତ୍ର ୬୮୦ କିମି ଦୂର ଯାଇ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟରେ ପାଠ ପଢୁଛନ୍ତି। ସେହିପରି ନବରଙ୍ଗପୁର ଜିଲା ରାଇଘର ଓ ଉମରକୋଟର ଛାତ୍ରୀଛାତ୍ର ୭ ଶହ କିମି ଯାଇ ବ୍ରହ୍ମପୁରରେ ପଢୁଛନ୍ତି । କୋରାପୁଟ ଜିଲାର ପିଲା ୩୫୦ କିମି ଦୂର ବ୍ରହ୍ମପୁରକୁ ଯାଇ ପଢୁଛନ୍ତି। ଏନେଇ ବାରମ୍ବାର ବିଧାନସଭାରେ ପ୍ରଶ୍ନ ପଚାରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ୧୦ ଥର ଚିଠି ମାଧ୍ୟମରେ ସେ ଦାବି ଜଣାଇଛନ୍ତି। ଅଥଚ ସରକାର ନୀରବ ରହିଛନ୍ତି । ମାସେ ଭିତରେ ସରକାର ଏ ଦିଗରେ ନିଷ୍ପତ୍ତି ନ ନେଲେ ଅବିଭକ୍ତ କୋରାପୁଟ ଜିଲା ବନ୍ଦ ରହିବ ବୋଲି ବାହିନୀପତି ଚେତାବନୀ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଅବିଭକ୍ତ କୋରାପୁଟ ଜିଲାର ଶିକ୍ଷାର ପ୍ରାଣକେନ୍ଦ୍ର ଜୟପୁର ବିକ୍ରମଦେବ ମହାବିଦ୍ୟାଳୟରେ ୫ ହଜାର ଛାତ୍ରୀଛାତ୍ର ପଢୁଛନ୍ତି। ପ୍ରାୟ ୨୫ ଏକର ଜମିରେ ଗତ ୧।୭।୧୯୪୭ରେ ଏହା ପ୍ରତିଷ୍ଠା ହୋଇଥିଲା।

# ଡାକ୍ତରଖାନା ପରିସର ସଫା କଲେ କର୍ମଚାରୀ, ଯୁବଗୋଷ୍ଠୀ



କର୍ମଚାରୀ ଓ ସଂଘ ସଦସ୍ୟମାନେ ଅଳିଆ ଆବର୍ଜନା ସଫା କରୁଛନ୍ତି।

ମାଲକାନଗିରି,୨୯।୧୧(ଡି.ଏନ.ଏ.)

ମାଲକାନଗିରି ଜିଲା ସଦର ବ୍ଲକ ପାଣ୍ଡ୍ରିପାଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ରବିବାର ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ଓ ପାଣ୍ଡ୍ରିପାଣି ଯୁବକ ସଂଘ ସଦସ୍ୟମାନେ ଅଳିଆ ଆବର୍ଜନା ସଫା କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅଳିଆ ଆବର୍ଜନା ପଡି ରହୁଥିବାରୁ ବିଭିନ୍ନ ସମୟରେ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଅନାବନା ଗଛ, ଅଳିଆ ଆବର୍ଜନାକୁ କର୍ମଚାରୀ ଓ ସଂଘର ଯୁବକମାନେ ସଫା କରିଥିବାରୁ ଏନେଇ ସାଧାରଣରେ ସେମାନଙ୍କୁ ପ୍ରଶଂସା କରାଯାଇଛି। ଆଗାମୀ ଦିନରେ ମଧ୍ୟ ଏପରି କାର୍ଯ୍ୟକ୍ରମ ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

# ପବ୍ଲିକ ରାଇଟ୍ସ ଆସୋସିଏଶନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ




ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା କର୍ମକର୍ତ୍ତା ।

ଜୟପୁର,୨୯।୧୧ (ନି.ପ୍ର.)

ଜୟପୁର ପୌରାଞ୍ଚଳର ଘୋଡାଶାଳ ପଡିଆଠାରେ ପବ୍ଲିକ ରାଇଟ୍ସ ଆସୋସିଏଶନ ପକ୍ଷରୁ ଏକ ଜନ ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନହିତକର କାର୍ଯ୍ୟକ୍ରମ ଯଥା ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଭିନ୍ନକ୍ଷମ ଭତ୍ତା, ପଡିକାର୍ଡ, ପ୍ରଧାନମନ୍ତ୍ରୀ ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀ କିପରି ଉପକୃତ ହୋଇପାରିବେ ସେ ସମ୍ପର୍କରେ ଅବଗତ କରାଯାଇଥିଲା। ଭୂମିହୀନଙ୍କୁ ଘରଡିହ ପଟ୍ଟା ପ୍ରଦାନ ପାଇଁ ପୁନର୍ବାର ଜୟପୁର ବସ୍ତି ଅଞ୍ଚଳରେ ସର୍ଭେ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ଦେବାକୁ ନିଷ୍ପତ୍ତି ହୋଇଥିଲା। କାର୍ଯ୍ୟକ୍ରମରେ ଅବିଭକ୍ତ କୋରାପୁଟ ଜିଲା ସଭାପତି ଦେବେନ୍ଦ୍ର ବାହିନୀପତି,ମୀନକେତନ ପରିଛା, ସାହେବ ମହାରଣା, କନ୍ଦର୍ପ ପାଣିଗ୍ରାହୀ, ଗୌର ଦାସ, ରମେଶ ବିଷୋୟୀ,ସୀମାଞ୍ଚଳ ସୁଆର, ଶୁଭାଶିଷ ନାୟକ, କାର୍ତ୍ତିକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗାଭସା ମନା

**୧୪୪ ଧାରା ଜାରି**

ମାଲକାନଗିରି/କୋରାପୁଟ ରାୟଗଡା ଅଫିସ, ୨୯।୧୧ (ଡି.ଏନ୍.ଏ./ସ୍ୱ.ପ୍ର.)

କୋଭିଡ-୧୯ କଟକଣାକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲା ପ୍ରଶାସନ ଜିଲା ସଦର ମହକୁମା, ବିଭିନ୍ନ ନଦୀଘାଟ ଏବଂ ପୁଷ୍କରଣୀଗୁଡିକରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଡଙ୍ଗାଭସାକୁ ନିଷେଧ କରାଯାଇଛି। ଉପଜିଲାପାଳ ରାମେଶ୍ୱର ପ୍ରଧାନ ମାଲକାନଗିରି ସଦର ମହକୁମାର ବାଲିସାଗର, ବଣ୍ଡାବାକୁଲିଗୁଡା ସାଗର, ଦୁର୍ଗାଗୁଡି ସାହି ପୁଷ୍କରଣୀ, ତଳସାହି ବଡବନ୍ଧରେ କୌଣସି ବ୍ୟକ୍ତି ୨୯ ରାତି ୧୧.୪୫ରୁ ୩୦ ଦିନ ୧୧.୪୫ ପର୍ଯ୍ୟନ୍ତ ଡଙ୍ଗା ଭସାଇବା ଓ ପୂଜାପାଠ କରିବାକୁ ନିଷେଧ କରାଯାଇଛି ବୋଲି କହିଛନ୍ତି। ଯଦି କେହି ଏହି ନିୟମକୁ ଉଲ୍ଲଙ୍ଘନ କରନ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କୋରାପୁଟରେ ମଧ୍ୟ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବୋଇତ ବନ୍ଦାଣ ଓ ଡଙ୍ଗାଭସା କାର୍ଯ୍ୟକ୍ରମକୁ ଜିଲା ପ୍ରଶାସନ ବନ୍ଦ କରିଛି। ରବିବାର ଜିଲାପାଳ ମଧୁସୂଦନ ମିଶ୍ରଙ୍କ ନିର୍ଦ୍ଦେଶରେ ଡାକବାଜି ଯନ୍ତ୍ର ମାଧ୍ୟମରେ ସହରର ତଥା ଆଖପାଖ ଅଞ୍ଚଳରେ ବୋଇତ ବନ୍ଦାଣ କାର୍ଯ୍ୟ ନ କରିବାକୁ ପ୍ରଚାର କରାଯାଇ ଜନସାଧାରଣମାନଙ୍କୁ ନିବେଦନ କରାଯାଇଛି। ଏହାର ଖିଲାପ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି । ତେବେ ସହରରେ କଦଳୀପଟୁଆ, ସୋଲ ଓ କାଗଜ ଡଙ୍ଗା ବିକ୍ରି କରାଯାଉଥିବା ଦେଖିବାକୁ ମିଳିଛି। ସେହିପରି ରାୟଗଡା ଜିଲାରେ ମଧ୍ୟ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଡଙ୍ଗା ଭସାଣ ଓ ପୂର୍ଣ୍ଣିମା ସ୍ନାନକୁ ବାରଣ କରାଯାଇଛି । ଜିଲା ପ୍ରଶାସନ ପକ୍ଷରୁ ଏ ନେଇ ପୂର୍ବରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

# ମୃତକ, ଆହତଙ୍କ ପରିବାରକୁ ଭେଟିଲେ ବିଧାୟକ



ବିଧାୟକ ମୃତକ ଓ ଆହତଙ୍କ ପରିବାର ସହ ଆଲୋଚନା କରୁଛନ୍ତି।

ଚନ୍ଦାହାଣ୍ଡି, ୨୯।୧୧(ଡି.ଏନ୍.ଏ.)

ଚନ୍ଦାହାଣ୍ଡି ବ୍ଲକ ଝରାବାହଲ ଗାଁରେ ଗୋଟିଏ ଘରକୁ ପିକ୍‌ଅପ୍ ମାଡିଯିବାରୁ ଗତ ୨୩ ତାରିଖରେ ୪ଜଣ ଶିଶୁ ମୃତ୍ୟୁବରଣ କରିଥିଲେ। ରବିବାର ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ ମୃତକ ଓ ଏହି ଘଟଣାରେ ଆହତଙ୍କ ପରିବାର ଲୋକଙ୍କୁ ଭେଟିଛନ୍ତି। ମୃତକ ଏବଂ ଆହତଙ୍କ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ସହାୟତା ଯୋଗାଇ ଦେବାକୁ ପ୍ରୟାସ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ବିଧାୟକଙ୍କ ଏହି ଗସ୍ତ ସମୟରେ ଏମ୍‌ପିଙ୍କ ଜିଲା ପ୍ରତିନିଧି ପ୍ରମୋଦ କୁମାର ପାଢୀ, କାର୍ତ୍ତିକ ବାଘ, ବଳରାମ ପଟ୍ଟନାୟକ, ଷଷ୍ଠୀ ଗୋପାଳ, ପୁରୁଷୋତ୍ତମ ପାରୀ, ଛାତ୍ର ବିଜେଡି ସଭାପତି ସଚିନ ଚୌହାନ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରମିକ କାର୍ଡ କରାଇଦେବା କହି ଅର୍ଥ ହରିଲୁଟ କରୁଛନ୍ତି ଦଲାଲ

ନବରଙ୍ଗପୁର,୨୯।୧୧(ବି.ପ୍ର.)

ସରକାର ଶ୍ରମିକମାନଙ୍କୁ ବିଭିନ୍ନ ଯୋଜନା ମାଧ୍ୟମରେ ସୁବିଧା ଯୋଗାଇ ଆସୁଛନ୍ତି। ସେମାନଙ୍କ ପିଲାମାନଙ୍କ ପାଠପଢା ସହ ସ୍କଲାରସିପ୍, ଆବାସ ଓ ଶ୍ରମିକ ସୁରକ୍ଷା କିଟ୍ ସହ ସାଇକଲ ଯୋଗାଉଛନ୍ତି। ପଞ୍ଜୀକୃତ ଶ୍ରମିକ ଏହି ବ୍ୟବସ୍ଥାର ଅନ୍ତର୍ଭୁକ୍ତ ହୋଇଥାନ୍ତି। ତେବେ ଶ୍ରମିକ କାର୍ଡ ପଞ୍ଜୀକରଣ କରିବା ପାଇଁ ଦଲାଲ ମାଧ୍ୟମରେ ବ୍ୟାପକ ଅର୍ଥ ଗରିବଙ୍କଠାରୁ ଆଦାୟ କରାଯାଉଛି। ସଚେତନତା ଅଭାବରେ ଶ୍ରମିକମାନେ ମଧ୍ୟ ପଞ୍ଜୀକରଣ ପାଇଁ କେତେ ଟଙ୍କା ଖର୍ଚ୍ଚ ହେଉଛି ତହା ଜାଣି ପାରୁ ନାହାନ୍ତି। ବିନା ଖର୍ଚ୍ଚରେ କାର୍ଡ ପଞ୍ଜୀକରଣ କରାଯାଇଥାଏ। ତେବେ ପାପଡାହାଣ୍ଡି ବ୍ଲକରେ ଜଣେ ବ୍ୟକ୍ତି ଶ୍ରମିକଙ୍କ ଠାରୁ ବ୍ୟାପକ ଅର୍ଥ ଆଦାୟ କରି ବିଭାଗ ଓ ପ୍ରଶାସନ ସହ ଲୁଚକାଳି ଖେଳୁଛି। ଏହର ତଦନ୍ତ କରାଯାଇ ଉକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ସଦର ମହକୁମାର ଜଣେ ଦଲାଲ ବ୍ଲକର ବିଭିନ୍ନ ପଞ୍ଚାୟତ ଓ ଗାଁରେ ଶ୍ରମିକ କାର୍ଡ କରେଇବା ପାଇଁ ୩୫୦ରୁ ୯ଶହ ଟଙ୍କା ପର୍ଯ୍ୟନ୍ତ ଆଦାୟ କରି କାର୍ଡ ଦେଇଛନ୍ତି। ନିଜକୁ ସାମାଜିକ କର୍ମୀ କହି ଶ୍ରମିକଙ୍କଠୁ ଲକ୍ଷାଧିକ ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଛି। ପାପଡାହାଣ୍ଡି ବ୍ଲକ ସୁନାଡଙ୍ଗରୀ ଗାଁର ସମନ୍ଧୁ ପୂଜାରୀ, ସଇତା ଗୌଡ, ପଦମ ଗୌଡ ଭୁବନ ଗୌଡ, ଧନପତି ଭତରା, ଡମୁଣି ଗୌଡ, ସୁରୁ ଗୌଡଙ୍କ ସମେତ ୧ଶହରୁ ଅଧିକ ଶ୍ରମିକଙ୍କଠାରୁ ୪୫୦ ଟଙ୍କା ଲେଖାଏ ଆଦାୟ କରାଯାଇଥିବା ସେମାନେ କହିଛନ୍ତି। ସେହିଭଳି ପାପଡାହାଣ୍ଡି ବ୍ଲକର ବିଭିନ୍ନ ପଞ୍ଚାୟତରେ ଶ୍ରମିକ କାର୍ଡ କରାଇବା ପାଇଁ ମଧ୍ୟ ଟଙ୍କା ନେଉଥିବା ଅଭିଯୋଗ ହୋଇଛି। ଯେଉଁମାନଙ୍କ ପାଇଁ ସେ କାର୍ଡ କରାଇଛନ୍ତି, ସେମାନେ ସରକାରୀ ସୁବିଧା ପାଉ ନ ଥିବା ହିତାଧିକାରୀ ଅଭିଯୋଗ କରିଛନ୍ତି। ତେଣୁ ଏହି କାର୍ଡ ସବୁ ନକଲି ବୋଲି ହିତାଧିକାରୀମାନେ ସନ୍ଦେହ କରୁଛନ୍ତି। ପାପଡାହାଣ୍ଡି ବ୍ଲକର ମକିଆ ଗ୍ରାମର ସୁନା ବିଷୋୟୀ, ଜଗନ୍ନାଥ ଗଣ୍ଡ, ସୁରୁ ଗୌଡ, ସତା ଗୌଡ, ମୁଙ୍ଗାଇ ଗୌଡ, ମଇନା ଗୌଡ, ଯାଗ ଗୌଡଙ୍କ ସମେତ ଶତାଧିକ ଶ୍ରମିକଙ୍କଠାରୁ ଆଉ ଜଣେ ଦଲାଲ ଶ୍ରମିକ କାର୍ଡ କରାଇ ଦେବା ନାଁରେ ୫ଶହରୁ ୧ ହଜାର ଟଙ୍କା ପର୍ଯ୍ୟନ୍ତ ନେଇଛନ୍ତି। ଜିଲା ଶ୍ରମ କାର୍ଯ୍ୟାଳୟ କର୍ମଚାରୀଙ୍କ ଜରିଆରେ ଏହି ସବୁ କାରବାର ହେଉଛି ବୋଲି ଅଭିଯୋଗ କରାଯାଇଛି। ଏନେଇ ଜିଲା ଶ୍ରମ ଅଧିକାରୀ ନରେନ୍ଦ୍ର ଗଇପଇଙ୍କୁ ପଚାରିବାରୁ, ଏଭଳି କିଛି ଅଭିଯୋଗ ତାଙ୍କ ନିକଟକୁ ଆସିନି। ଅଭିଯୋଗ ଆସିଲେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ଚୋରି ବାଇକ୍ ଉଦ୍ଧାର

ଆସିକା,୨୯।୧୧ (ଡି.ଏନ୍.ଏ.)

ଆସିକା ଏନ୍‌ଏସିର ପଲ୍ଲୀଛକ ନିକଟରୁ ଗୁରୁବାର ଅପରାହ୍ନରେ ଚୋରି ହୋଇଥିବା ଗୋଟିଏ ବାଇକ୍‌କୁ ପୋଲିସ ରବିବାର ବୁଗୁଡା ଥାନା ପାଣିକେଶ୍ୱର ଗ୍ରାମରୁ ଜବତ କରିଛି। ଏହି ମାମଲାରେ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପାଣିକେଶ୍ୱର ଗ୍ରାମର ସନ୍ତୋଷ ନାୟକ ଓ ବାଲ୍ୟ ନାୟକ। ସେମାନଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି।

# ବାଳକୃଷ୍ଣ ସଭାପତି, ଅରୁଣ ଉପସଭାପତି



ନିର୍ବାଚିତ ହୋଇଥିବା ଓକିଲ ସଂଘ ସଦସ୍ୟ ଓ ଅନ୍ୟମାନେ।

**■ସରିଲା ଉମରକୋଟ ଓକିଲ ସଂଘ ନିର୍ବାଚନ**

**■ ନିର୍ଦ୍ୱନ୍ଦ୍ୱରେ ସବୁ ପ୍ରାର୍ଥୀ ନିର୍ବାଚିତ**

ଉମରକୋଟ,୨୯।୧୧(ସ୍ୱ.ପ୍ର.)

ଉମରକୋଟ ଓକିଲ ସଂଘ ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଛି। ସମସ୍ତ ପଦବୀରେ ଜଣେ ଲେଖାଏଁ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ବାଳକୃଷ୍ଣ ପାତ୍ର ସଭାପତି, ଅରୁଣ କୁମାର ପଟ୍ଟନାୟକ ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିଭଳି ବିଜୟ କେତନ ସୁରେନ୍ଦ୍ର ସିଂ ସାଧାରଣ ସମ୍ପାଦକ, କୃଷ୍ଣଚନ୍ଦ୍ର ନନ୍ଦ ସହ ସମ୍ପାଦକ, ସନ୍ତୋଷ କୁମାର ସାହୁ କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଏ ଉମା ମହେଶ୍ୱର ରାଓ ଓ ପ୍ରଦୀପ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ଏହି ନିର୍ବାଚନ ପ୍ରକ୍ରିୟାରେ କିଶୋର ଚନ୍ଦ୍ର ମିଶ୍ର, ପ୍ରଶାନ୍ତ କୁମାର ସାହୁ, ଅଶୋକ ପଟ୍ଟନାୟକ, ଶ୍ରୀନିବାସ ପଟ୍ଟନାୟକ, ତପନ ଦେବନାଥ, ତପନ ମଜୁମଦାର, ଶଙ୍କର ଦେ, ବିପିନ୍ ହିଆଲ୍, ଜୟନ୍ତ ମଜୁମଦାର, କାଳୀ ପ୍ରସାଦ ନନ୍ଦ, ଶାନ୍ତନୁ ବାହିନୀପତି, ସଞ୍ଜୟ କୁମାର ବିଷୋୟୀ, ଯୋଗେନ୍ଦ୍ର ମାଝୀ, ରବୀନ୍ଦ୍ର କୁମାର ପଟ୍ଟନାୟକ, ମନୋହର ମାହାନ୍ତି, ବିବେକା ନନ୍ଦ ବୈଦ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଉମରକୋଟ ମାଟ୍ ଗାଁରେ ଭାଜପାର ବୈଠକ



ବୈଠକରେ ଉପସ୍ଥିତ ଭାଜପା ନେତା, କର୍ମୀ ଓ ଅନ୍ୟମାନେ।

ଉମରକୋଟ,୨୯।୧୧(ସ୍ୱ.ପ୍ର.)

ଭାଜପା ପକ୍ଷରୁ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ସୁଖିଗାଁ ପଞ୍ଚାୟତ ମାଟ୍ ଗାଁରେ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବେହେଡ଼ା, ବାକୋଦା, କୋପେନା, ସୁଖିଗାଁ, ଭାମିନୀ ଓ ମୁର୍ତ୍ତୁମା ପଞ୍ଚାୟତରେ କରାଯାଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଛି। ଉପରୋକ୍ତ ପଞ୍ଚାୟତରେ ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ ନିର୍ମାଣରେ ଅନେକ ଦୁର୍ନୀତି ହୋଇଥିବା ଜଣାପଡିଛି। ଅଧିକାଂଶ ଲୋକଙ୍କ ଶୌଚାଳୟ ନିର୍ମାଣ ହୋଇ ନ ଥିବା ବେଳେ କେତେକ ସ୍ଥାନରେ ଅର୍ଦ୍ଧ ନିର୍ମିତ ହୋଇରହିଛି। ସେହିଭଳି ପ୍ରଧାନମନ୍ତ୍ରୀ ଆବାସ, ଗୃହାଳ ଯୋଜନା କ୍ଷେତ୍ରରେ ହିତାଧିକାରୀ ବହୁତ ହଇରାଣ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ରାସ୍ତା ଘାଟ ଓ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ମଧ୍ୟ ସେହିଭଳି ଅସୁବିଧା ପରିଲକ୍ଷିତ ହେଉଛି। ସମସ୍ୟା ପ୍ରତି ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଉପସ୍ଥିତ ଭାଜପା ନେତାମାନେ କହିଛନ୍ତି। ଏହି ବୈଠକରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ସାହୁ, ଉମରକୋଟ ନଗର ସଭାପତି ସୁରେଶ କୁମାର ଆଚାର୍ଯ୍ୟ,ବେହେଡ଼ା ମଣ୍ଡଳ ସଭାପତି ଧନୁର୍ଜୟ ପରଜା, ଭାମିନି ସରପଞ୍ଚ କୃଷ୍ଣ ଭତ୍ରା, ଖଗ ସନ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ବିଷମକଟକ ସାନସାହିରେ ବ୍ୟାପୁଛି ଡେଙ୍ଗୁ

**■ ଚିକିତ୍ସା ପରେ ୫ ସୁସ୍ଥ, ଅନେକ ଆକ୍ରାନ୍ତ ଆଶଙ୍କା**

**■ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ**

**■ ଅଞ୍ଚଳବାସୀ ଭୟଭୀତ**

ବିଷମକଟକ,୨୯।୧୧

ରାୟଗଡ଼ା ଜିଲା ବିଷମକଟକ ସଦର ଅଞ୍ଚଳରେ ମାସକ ମଧ୍ୟରେ ଅନେକ ଲୋକ ଡେଙ୍ଗୁରେ ପୀଡ଼ିତ ହୋଇଥିବା ଆଶଙ୍କା କରାଯାଉଛି। କିନ୍ତୁ ଅସୁସ୍ଥମାନେ ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଯିବା ବଦଳରେ ବେସରକାରୀ ହସ୍ପିଟାଲକୁ ଯାଉଥିବାରୁ ସରକାରୀ ସ୍ତରରେ ଏହା ନିଶ୍ଚିତ ହୋଇପାରୁ ନ ଥିବା ସୂଚନା ମିଳିଛି। ପ୍ରାପ୍ତ ସୂଚନା ଅନଯାୟୀ, ସ୍ଥାନୀୟ ଖ୍ରୀଷ୍ଟିଆନ ହସ୍ପିଟାଲରେ ୧୦ରୁ ଉର୍ଦ୍ଧ୍ୱ ଲୋକ ଜ୍ୱରରେ ଆକ୍ରାନ୍ତ ହୋଇ ଚିକିତ୍ସିତ ଥିବା ଜଣାପଡ଼ିଛି। ସମସ୍ତଙ୍କ ନିକଟରେ ଡେଙ୍ଗୁର ଲକ୍ଷଣ ରହିଥିବା ଯୋଗୁ ସେମାନେ ଡେଙ୍ଗୁରେ ଆକ୍ରାନ୍ତ ଥିବା ଆଶଙ୍କା କରାଯାଉଛି। ଅନ୍ୟପକ୍ଷରେ ୫ ଡେଙ୍ଗୁ ଆକ୍ରାନ୍ତ ସୁସ୍ଥ ହୋଇଥିବା ଜଣାପଡ଼ିଛି। ବିଷମକଟକ ଖ୍ରୀଷ୍ଟିଆନ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସମସ୍ତ ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ଅଞ୍ଚଳର ହୋଇଥିବାରୁ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ଚିକିତ୍ସିତ ଥିବା ଅନେକ ରୋଗୀ ବିଷମକଟକ ସଦରସ୍ଥିତ ସାନ ସାହି ଏବଂ ମିଶନ କମ୍ପାଉଣ୍ଡ୍ ଅଞ୍ଚଳର ବାସିନ୍ଦା ବୋଲି ଜଣାପଡ଼ିଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ମିଶନ କମ୍ପଉଣ୍ଡକୁ ଲାଗି ରହିଥିବା ସାନ ସାହିରେ ଜଳ ନିଷ୍କାସନ ପାଇଁ ଉପଯୁକ୍ତ ବ୍ୟବସ୍ଥା ନ ଥିବା ଯୋଗୁ ମାସ ମାସ ଧରି ଏଠାରେ ଡ୍ରେନ୍‌ରେ ଆବର୍ଜନା ଜମି ରହୁଛି। ଅଞ୍ଚଳବାସୀ ମଧ୍ୟ ବେଖାତିରଭାବେ ଡ୍ରେନ୍ ମଧ୍ୟରେ ଅଳିଆ ଫୋପାଡୁଥିବା ଦେଖାଯାଉଛି। ତେଣୁ ଅଞ୍ଚଳରେ ଡେଙ୍ଗୁ ଏବଂ ମ୍ୟାଲେରିଆ ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ଅଞ୍ଚଳର ବୁଦ୍ଧିଜୀବୀ ଦିଲୀପ କୁମାର ପଟ୍ଟନାୟକ ପ୍ରକାଶ କରିଛନ୍ତି। ମିଳିଥିବା ତଥ୍ୟ ଅନୁଯାୟୀ, ସାନ ସାହିର ଅମିତ ପାଣି(୩୫), ରିନୁ ସିଂ(୨୦), ରିନା ବାଗ(୧୭), ଉଦୟ ମିଶାଲ(୪୫), ଭଜ ହିଆଲ(୫୫), ବିମଳ ସାମନ୍ତରାୟ(୪୩), ଦିଲୀପ ଭତରା(୫୫)ଙ୍କ ସମେତ ଆଉ କେତେଜଣ ଚିକିତ୍ସିତ ଥିବାବେଳେ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ଅନୁମାନ କରାଯାଉଛି। ସେହିପରି ଲିଜା ଭତରା(୧୭), ସାଜନ ସିଂ(୨୫), ବୁଲୁ ହିଆଲ(୩୫), ବାବୁଲା ନାୟକ(୪୭)ଡେଙ୍ଗୁରେ ଆକ୍ରାନ୍ତ ହୋଇ ଚିକିତ୍ସା ପରେ ସୁସ୍ଥ ହୋଇଥିବା ସୂଚନା ମିଳିଛି। ଏ ନେଇ ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଅଂଶୁପ୍ରଭା ଚୌଧୁରୀ କହିଛନ୍ତି, ଆମ ପାଖରେ ଖବର ଅଛି କିନ୍ତୁ ଡେଙ୍ଗୁ ବୋଲି ଚିହ୍ନଟ କରାଯାଇନାହିଁ। ତେବେ ଡେଙ୍ଗୁ ଆଶଙ୍କା କରାଯାଉଥିବା ଖ୍ରୀଷ୍ଟିଆନ ହସ୍ପିଟାଲରେ ଚିକିତ୍ସିତ ରୋଗୀଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଛି। ଅନ୍ୟପରେ ସାହିର ଡ୍ରେନ୍ ସଫା କରିବା ପାଇଁ ବ୍ଲକ୍ ପ୍ରଶାସନକୁ କୁହାଯାଇଛି ବୋଲି ସେ କହିଛନ୍ତି। ଡେଙ୍ଗୁ ନେଇ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଥିବା କହିଛନ୍ତି। ବିଷମକଟକ ବିଡିଓ ଆଲବର୍ଟ ଲାକ୍ରାଙ୍କୁ ପଚାରିବାରୁ କହିଛନ୍ତି, କେବଳ ୫ଜଣ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିଲେ। ଚିକିତ୍ସା ପରେ ସୁସ୍ଥ ହୋଇଛନ୍ତି ବୋଲି ସେ କହିଛନ୍ତି। ସେହିପରି ପାନୀୟ ଜଳ ଏବଂ ପରିମଳ ଜନିତ କିଛି ସମସ୍ୟା ରହିଥିଲା। ଯୁଦ୍ଧକାଳୀନ ଭିତ୍ତିରେ ସୁଧାର ପାଇଁ ବିଭାଗୀୟ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି।

